# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**9 July - 2024**

**News Editor : Itishree Singh Rathaur**

*************************************

## ମୁଖ୍ୟ ସମ୍ବାଦ

- ଜ୍ଞାନକୁ ଏକ ସାମାଜିକ ଉଦ୍ୟୋଗ ଭାବେ ବିଚାର କରି ଦେଶର ବିକାଶ ପାଇଁ ବ୍ୟବହାର କରିବାକୁ ଭୁବନେଶ୍ୱର ନାଇଜର'ର ଦୀକ୍ଷାନ୍ତ ସମାରୋହରେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

— ଚାରିଦିନିଆ ଓଡ଼ିଶା ଗସ୍ତ ଶେଷ କରି ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ

- ଭାରତକୁ ବିଶ୍ୱର ତୃତୀୟ ବୃହତ୍ ଅର୍ଥ ବ୍ୟବସ୍ଥାରେ ପରିଣତ କରିବା ସରକାରଙ୍କ ଲକ୍ଷ୍ୟ; କହିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

- ଆଗାମୀ ୧୪ ତାରିଖରେ ରତ୍ନଭଣ୍ଡାର ଖୋଲିବା ପାଇଁ ସରକାରଙ୍କୁ ସୁପାରିଶ କରାଯିବ; ସୂଚନା ଦେଲେ  ରତ୍ନଭଣ୍ଡାର ଯାଞ୍ଚ କମିଟି ଅଧ୍ୟକ୍ଷ

- ରାଜ୍ୟରେ ଡେଙ୍ଗୁପ୍ରବଣ ଅଂଚଳରେ ଆଗୁଆ ପଦକ୍ଷେପ ନେବାପାଇଁ ଜିଲ୍ଲାପାଳମାନଙ୍କୁ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ

ଏବଂ

- ପୁରୀରେ ସନ୍ଧ୍ୟାରେ ଆଡପମଣ୍ଡପକୁ ବିଜେ କରିବେ ଶ୍ରୀଜୀଉ

## ରାଷ୍ଟ୍ରପତି-ନାଇଜର

ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଆଜି ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି। ନୂତନ ବୈଷୟିକ ବିକାଶ ମାନବ ସମାଜକୁ ସାମର୍ଥ୍ୟ ପ୍ରଦାନ କରିବା ସହ ଏହା ମାନବିକତା ପାଇଁ ନୂତନ ଆହ୍ୱାନ ସୃଷ୍ଟି କରୁଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି।

ଭୁବନେଶ୍ୱରସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ-ନାଇଜରର ତ୍ରୟୋଦଶ ଦୀକ୍ଷାନ୍ତ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଷ୍ଟ୍ରପତି ଛାତ୍ରଛାତ୍ରୀମାନଙ୍କୁ ନିଜ ଜ୍ଞାନକୁ ଏକ ସାମାଜିକ ଉଦ୍ୟୋଗ ଭାବରେ ବିଚାର କରି ସମାଜ ଓ ଦେଶର ବିକାଶ ପାଇଁ ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି। ବିଦ୍ୟାରୂପୀ ସଂଜୀବନୀ ଦ୍ୱାରା ବ୍ୟକ୍ତିର ଜୀବନ ଧନ୍ୟ ହେବା ସହିତ ସବୁକ୍ଷେତ୍ରରେ ସଫଳତା ପ୍ରଦାନ କରିଥାଏ ବୋଲି ରାଷ୍ଟ୍ରପତି କହିଛନ୍ତି।

ସୂଚନା ଅନୁସାରେ, ୪ ଦିନିଆ ଓଡ଼ିଶା ଗସ୍ତ ଶେଷ କରି ଆଜି ରାଷ୍ଟ୍ରପତି ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି।

## ପ୍ରଧାନମନ୍ତ୍ରୀ-ବୃହତ୍ ଅର୍ଥବ୍ୟବସ୍ଥା

ଭାରତକୁ ବିଶ୍ୱର ତୃତୀୟ ବୃହତ୍ ଅର୍ଥବ୍ୟବସ୍ଥାରେ ପରିଣତ କରିବା ସରକାରଙ୍କ ଲକ୍ଷ୍ୟ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଋଷ୍‌ର ମସ୍କୋରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରବାସୀ ଭାରତୀୟଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶ ଡିଜିଟାଲ କ୍ଷେତ୍ରରେ ବିଶେଷ ସଫଳତା ହାସଲ କରିଛି। ୧୪୦ କୋଟି ଭାରତୀୟଙ୍କ ସମର୍ପଣ,

ପ୍ରତିବଦ୍ଧତା ଏବଂ ଯୋଗଦାନ ଯୋଗୁଁ ଦେଶରେ ଯୁଗାନ୍ତକାରୀ ପରିବର୍ତ୍ତନ ଆସିପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି, ଜଳବାୟୁ ପରିବର୍ତ୍ତନର ମୁକାବିଲାଠାରୁ ଆରମ୍ଭ କରି ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ପର୍ଯ୍ୟନ୍ତ ଦେଶ ସବୁ କ୍ଷେତ୍ରରେ ଯୋଗଦାନ ଦେଉଛି। ଶାନ୍ତି ଆଲୋଚନା ଓ କୂଟନୀତି ମାଧମରେ ବିଶ୍ୱସ୍ତରୀୟ ସମସ୍ୟାର ସମାଧାନ ପାଇଁ ଦେଶ ସର୍ବଦା ତତ୍ପରତା ପ୍ରକାଶ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ରତ୍ନଭଣ୍ଡାର

ରତ୍ନଭଣ୍ଡାର ଯାଂଚ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ବୈଠକ ପରେ କମିଟିର ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ କହିଛନ୍ତି, ଆଗାମୀ ୧୪ ତାରିଖ ଦିନ ରତ୍ନଭଣ୍ଡାର ଖୋଲିବା ପାଇଁ ସରକାରଙ୍କୁ ନିବେଦନ କରାଯିବ। ସର୍ବସମ୍ମତିକ୍ରମେ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସେ କହିଛନ୍ତି, ରତ୍ନଭଣ୍ଡାର ଖୋଲିବା ପରେ ଏହାର ରକ୍ଷଣାବେକ୍ଷଣ ଏବଂ ଅଳଙ୍କାରର ଗଣତି ନେଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ରତ୍ନଭଣ୍ଡାର ଅଳଙ୍କାରକୁ ସୁରକ୍ଷିତ ରଖିବା ପାଇଁ ଶ୍ରୀମନ୍ଦିର ଭିତରେ ଏକ ସ୍ୱତନ୍ତ୍ର ସ୍ଥାନ ଚିହ୍ନଟ କରାଯାଇଛି ବୋଲି ଜଷ୍ଟିସ୍ ରଥ ସୂଚନା ଦେଇଛନ୍ତି। ସ୍ୱର୍ଣ୍ଣକାରଙ୍କ ଦ୍ୱାରା ଅଳଙ୍କାରଗୁଡ଼ିକର ମୂଲ୍ୟାୟନ କରାଯିବ। ରତ୍ନଭଣ୍ଡାର ଖୋଲିବା, ଏହାର ରକ୍ଷଣାବେକ୍ଷଣ, ଅଳଙ୍କାର ଗଣତି ଏବଂ ମୂଲ୍ୟାୟନ ଆଦି ପ୍ରସଙ୍ଗ ନେଇ ଏକ ମାର୍ଗଦର୍ଶିକା ପ୍ରସ୍ତୁତି ନେଇ ବୈଠକରେ ଆଲୋଚନା ହୋଇଛି। ତେବେ ଏ ସମସ୍ତ ପ୍ରକ୍ରିୟା ମଧ୍ୟରେ ସାଧାରଣ ଦର୍ଶନ ପୂର୍ବଭଳି ଜାରି ରହିବ ବୋଲି ସେ କହିଛନ୍ତି।

## କୃଷ୍ଣଚନ୍ଦ୍ର ପାତ୍ର

ଭୁବନେଶ୍ୱର ଅନ୍ଧାରୁଆରେ ଥିବା ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନକୁ ଆଜି ବିଜ୍ଞାନ ଓ କାରିଗରୀ ବିଦ୍ୟା ମନ୍ତ୍ରୀ  କୃଷ୍ଣଚନ୍ଦ୍ର ପାତ୍ର ପରିଦର୍ଶନ କରିଛନ୍ତି। ଏହି ସମୟରେ ଆବଶ୍ୟକତା ଅନୁସାରେ ପ୍ରତିଷ୍ଠାନରେ ଅଧ୍ୟାପକ ନିଯୁକ୍ତି ଓ ଭିତ୍ତିଭୂମିର ବିକାଶ ପାଇଁ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ପ୍ରତିଷ୍ଠାନର ନିର୍ଦ୍ଦେଶକ ଯଶୋବନ୍ତ ଜେନା ବିଭିନ୍ନ କାର୍ଯ୍ୟାବଳୀ, ପାଠ୍ୟ ଖସଡା, ଶିକ୍ଷାଦାନ ବ୍ୟବସ୍ଥା ଆଦି ଉପରେ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ।

## କ୍ୟାବିନେଟ୍ ବୈଠକ

ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକ ଆସନ୍ତାକାଲି ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ପୂର୍ବାହ୍ଣ ସାଢ଼େ ୧୧ଟାରେ ବୈଠକ ହେବାର କାର୍ଯ୍ୟସୂଚୀ ରହିଛି। ବୈଠକରେ ସରକାରଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ମଞ୍ଜୁରୀ ମିଳିବାର ସମ୍ଭାବନା ରହିଛି।

## ଡେଙ୍ଗୁ ଚିହ୍ନଟ-ପୁନଃ ସର୍ଭେ

ରାଜ୍ୟରେ ଗତ ୫ ବର୍ଷ ମଧ୍ୟରେ ଡେଙ୍ଗୁ ଚିହ୍ନଟ ହୋଇଥିବା ଅଂଚଳଗୁଡ଼ିକୁ ପୁନଃ ସର୍ଭେ କରିବା ଲାଗି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ସବୁ ଜିଲ୍ଲାପାଳ ଏବଂ ମ୍ୟୁନିସିପାଲିଟି କମିଶନରଙ୍କୁ ଚିଠି ଲେଖି ସ୍ୱାସ୍ଥ୍ୟ ସଚିବ ସର୍ଭେ ସଂକ୍ରାନ୍ତ ତଥ୍ୟ ଦାଖଲ କରିବାକୁ ଅନୁରୋଧ କରିଛନ୍ତି। ସେହିସବୁ ଅଂଚଳରେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଗୁଆ ପଦକ୍ଷେପ ନେବାଲାଗି ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସ୍ୱାସ୍ଥ୍ୟ ବିଭାଗ କହିଛି। ବର୍ଷାଋତୁ ଆରମ୍ଭ

ହୋଇଥିବାରୁ ଡେଙ୍ଗୁ ଏବଂ ମ୍ୟାଲେରିଆ ସଂକ୍ରମଣକୁ ପ୍ରତିହତ କରିବା ଲକ୍ଷ୍ୟରେ ଜନସଚେତନତା ବୃଦ୍ଧି ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି ।

ଡେଙ୍ଗୁ ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରିବା ସହ ହସ୍‌ପିଟାଲ୍‌ଗୁଡ଼ିକରେ ସ୍ୱତନ୍ତ୍ର ଡେଙ୍ଗୁ ୱାର୍ଡ ଖୋଲିବା, ସାପ୍ତାହିକ ଡ୍ରାଏ ଡେ ପାଳନ କରିବା, ଆବଶ୍ୟକ ସଂଖ୍ୟକ ସ୍ୱାସ୍ଥ୍ୟକର୍ମୀ ନିୟୋଜିତ କରିବା, ନମୁନା ପରୀକ୍ଷଣ କିଟ୍ ଓ ଔଷଧ ମହଜୁଦ୍ ରଖିବା ପାଇଁ ଜିଲ୍ଲାପାଳ ଏବଂ ପୌର କମିଶନର୍‌ଙ୍କୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

## ସ୍ୱନକ୍ଷତ୍ର ଦିବସ

ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ ଦିବସ ଅବସରରେ ଗଞ୍ଜାମ ଜିଲ୍ଲାରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଜିଲ୍ଲାସ୍ତରରେ ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ । ସୂଚନା ଅନୁସାରେ, ଆସନ୍ତା ୨୫ ତାରିଖରେ ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ ପାଳନ କରିବ ।

## ଆଡପମଣ୍ଡପ ବିଜେ

ନବଦିନାତ୍ମକ ଘୋଷଯାତ୍ରାରେ ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରିଥିବା ଶ୍ରୀବଳଭଦ୍ର, ଭଉଣୀ ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଜଗନ୍ନାଥ

ଆଜି **ଆଡପ ମଣ୍ଡପକୁ ବିଜେ** କରିବେ। ପରମ୍ପରା ଅନୁଯାୟୀ, ଆଜି ସନ୍ଧ୍ୟା ଧୂପ ନୀତି ଶେଷ ହେବା ପରେ ତିନି ରଥରେ ଚାଳମାଳ ବନ୍ଧାଯାଇଥିଲା। ଏହାପରେ ମଙ୍ଗଳାର୍ପଣ ହୋଇ ଠାକୁର ଗୋଟି ପହଣ୍ଡିରେ ଆଡପ ମଣ୍ଡପକୁ ବିଜେ କରିବେ। ପ୍ରଥମେ ମଦନମୋହନ ଏବଂ ରାମକୃଷ୍ଣଙ୍କୁ ବିଜେ କରାଯିବ। ଏହାପରେ ସୁଦର୍ଶନଙ୍କ ପହଣ୍ଡି ବିଜେ ହେବ। ପରେ ଶ୍ରୀଜୀଉମାନେ ଜନ୍ମବେଦୀକୁ ବିଜେ କରିବେ। **ପୁରୀ** ଶରଧାବାଲି ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ଲାଗି ପ୍ରବଳ ଜନ ସମାଗମ ହୋଇଛି।

## ପ୍ରଧାନମନ୍ତ୍ରୀ ଶିକ୍ଷାନବୀଶ ମେଳା

**ରାୟଗଡା** ସରକାରୀ ଶିଳ୍ପ ତାଲିମ କେନ୍ଦ୍ରଠାରେ ଜାତୀୟ ପ୍ରଧାନମନ୍ତ୍ରୀ **ଶିକ୍ଷାନବୀଶ ମେଳା** ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରାଇତ ଏହାକୁ ଉଦଘାଟନ କରିଥିଲେ। ଜିଲ୍ଲାରେ ପ୍ରତିଷ୍ଠିତ ୮ଟି ଶିଳ୍ପ ସଂସ୍ଥା ମେଳାରେ ଅଂଶଗ୍ରହଣ କରିଥିଲେ। ଶତାଧିକ ଛାତ୍ରଛାତ୍ରୀ ଏଥିରେ ତାଲିମ୍ ନେଇଥିଲେ।

## ରକ୍ତଶିକୁଳି ନିରାକରଣ ପକ୍ଷ

**ନୂଆପଡା** ଜିଲ୍ଲାରେ ରକ୍ତଶିକୁଳି ରୋଗର ନିରାକରଣ ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ରକ୍ତଶିକୁଳି ପକ୍ଷ ପାଳନ କରାଯାଇଛି। ଏହି ଅବସରରେ ଶୂନ ରୁ ୪୦ ବର୍ଷ ବୟସ ପର୍ଯ୍ୟନ୍ତ ୪୩ ହଜାର ଲୋକଙ୍କର ରକ୍ତ ନମୁନା ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୧

ହଜାର ୪୫୨ ଜଣକଠାରେ ରକ୍ତଶିକୁଳି ରୋଗ ଚିହ୍ନଟ ହୋଇଥିବା ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଗୁରୁ ପ୍ରସାଦ ଜେନା ପ୍ରକାଶ କରିଛନ୍ତି।

## ସ୍ୱନକ୍ଷତ୍ର ଦିବସ

ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ ଦିବସ ଅବସରରେ ଗଞ୍ଜାମ ଜିଲ୍ଲାରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଜିଲ୍ଲାସ୍ତରରେ ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ସୂଚନା ଅନୁସାରେ, ଆସନ୍ତା ୨୫ ତାରିଖରେ ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ ପାଳନ କରିବ।

## ଡାଲ୍‌ଖାଇ ପାଠ୍ୟଖସଡ଼ା

ଡାଲ୍‌ଖାଇ ନୃତ୍ୟର ପ୍ରଚାର ପ୍ରସାର ପାଇଁ ସମ୍ବଲପୁରରେ ଏକ ଅନୁଷ୍ଠାନ ପ୍ରତିଷ୍ଠା ସହ ଏହାର ପାଠ୍ୟଖସଡ଼ା ପ୍ରସ୍ତୁତ କରିବାକୁ କଳାକାରମାନଙ୍କ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଏଥିପାଇଁ ସମ୍ବଲପୁର ସାମ୍ବାଦିକ ଭବନଠାରେ ପଶ୍ଚିମ ଓଡ଼ିଶା ଲୋକ କଳାକାର ମହାସଂଘ ପକ୍ଷରୁ ଡାଲଖାଇ ନୃତ୍ୟକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ପଶ୍ଚିମ ଓଡ଼ିଶା ଲୋକ କଳାକାର ମହାସଂଘର ସଭାପତି, ସମ୍ପାଦକ, ସଂଯୋଜକ ଏବଂ ବିଭିନ୍ନ ଜିଲ୍ଲାର ଲୋକକଳାକାର ଯୋଗ ଦେଇଥିଲେ।

## ପାଣିପାଗ

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ସକ୍ରିୟ ରହିଛି। ମୌସୁମୀର ପ୍ରଭାବରେ କେତେକ ସ୍ଥାନରେ ବର୍ଷା ଜାରି ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବାନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୧୧ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।

ସେହିଭଳି ଗତ ୨୪ ଘଣ୍ଟା ମଧ୍ୟରେ କୋରାପୁଟରେ ସର୍ବାଧିକ ୫୧ ଦଶମିକ ୬ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଅନ୍ୟପକ୍ଷରେ ଗତ ଜୁନ୍ ପହିଲାରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ୨୧୬ ଦଶମିକ ୩ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଏହା ସ୍ୱାଭାବିକ ବର୍ଷା ତୁଳନାରେ ୨୭ ପ୍ରତିଶତ କମ୍ ବୋଲି ଜଣାପଡିଛି।

******************************